ISSN: 2456-9194, Vol. IV, Issue. I, June 2020

ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage: http://cphfs.in/research.php



# ଏକବିଂଶ ଶତାବ୍ଦୀର ସାହିତ୍ୟ

**ଜ୍ଞାନୀ ଦେବାଶିଷ ମିଶ୍ର**

ଅଧ୍ୟାପକ,ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ

ସମ୍ପର୍କ- jd05mishra@gmail.com

***ସାର ସଂକ୍ଷେପ:*** *ମାତ୍ର ଏକ ପଞ୍ଚମାଂଶ ସମୟ ବିତିଛି ଏକବିଂଶ ଶତାବ୍ଦୀର । ତଥାପି ଏ ଶତାବ୍ଦୀର ଆଭିମୁଖ୍ୟ ଓ ସାହିତ୍ୟକୁ ନେଇ ଚର୍ଚ୍ଚା-ପରିଚର୍ଚ୍ଚା ଦେଖିବାକୁ ମିଳୁଛି ବିଭିନ୍ନ ପତ୍ରପତ୍ରିକାରେ । ଏପରିକି ସ୍ୱତନ୍ତ୍ର ପୁସ୍ତକର ଉଦ୍ୟମ ମଧ୍ୟ ଦେଖାଗଲାଣି ଅନେକତ୍ର । ସମୟ ସହିତ ତାଳଦେଇ ବିଚାର, ଅଭିବ୍ୟକ୍ତି ଓ ଆଭିମୁଖ୍ୟର ପରିବର୍ତ୍ତନ ଏକ ସ୍ୱାଭାବିକତା । ବଦଳୁଥିବା ଯୁଗୀୟ ଅଭିରୁଚି ହିଁ ଯେକୌଣସି ସମୟଖଣ୍ଡକୁ ଭିନ୍ନ ମାନଦଣ୍ଡରେ ତଉଲିବାକୁ ପ୍ରେରଣା ପ୍ରଦାନ କରିଥାଏ । କ୍ରମଶଃ ଅପହଞ୍ଚରୁ ପହଞ୍ଚ ମନେହେଉଥିବା ଏ ବିଶ୍ୱରେ ମଣିଷ-ମଣିଷ ଓ ମଣିଷ ସମାଜ ଭିତରେ କିନ୍ତୁ ଯୋଜନ ଯୋଜନ ଦୂରତ୍ୱ । ସୋସିଆଲ୍ ମିଡ଼ିଆର ପ୍ରଚାର-ପ୍ରସାର ବ୍ୟକ୍ତିକୁ ପ୍ରସିଦ୍ଧି ଓ ଆତ୍ମବିଜ୍ଞାପନର ବ୍ୟାପକ ସୁଯୋଗ ଦେଇଥିବା ସତ୍ତ୍ୱେ ଜୀବନ ଅବସାଦ ଓ ଆତ୍ମନିର୍ବାସନ ଭୋଗିବାକୁ ବାଧ୍ୟହେଉଛି ବେଳେବେଳ । ସଂକଟ, ସନ୍ତ୍ରସ୍ତ, ଦ୍ୱନ୍ଦ୍ୱ ଓ ଦ୍ୱିଧାର ଚାରିଛକରେ ଠିଆହେଇଥିବା ମଣିଷର  ସାହିତ୍ୟ ମଧ୍ୟ ସମପର୍ଯ୍ୟାୟର ହେବା ଏକ ସ୍ୱାଭାବିକତା । ଭାଷା, ଅଭିବ୍ୟକ୍ତି, ଶୈଳୀ, ସଂରଚନା - ପ୍ରତ୍ୟେକ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସାହିତ୍ୟ ନିଜକୁ ବିବର୍ତ୍ତିତ ଓ ବିକଶିତ କରିଚାଲିଛି ।*

***ମୂଳ ଶବ୍ଦ: ସାହିତ୍ୟ ସଂରଚନା, ଏକବିଂଶ ଶତାବ୍ଦୀ,  ସୋସିଆଲ୍ ମିଡ଼ିଆ, ଭାଷା-ଶୈଳୀ, ପରିବର୍ତ୍ତନୀୟତା***

(୧)

ସାହିତ୍ୟ ସମୟଖଣ୍ଡର ପ୍ରତିଫଳନ। ଆମେମାନେ ସମୟର ଫିତା ପକେଇ ସାହିତ୍ୟକୃତିର ପରୀକ୍ଷାନିରୀକ୍ଷା କରୁ। ସମ୍ଭବତଃ ଇତିହାସ ଲେଖିବାର ଉଦ୍ୟମରୁ ସାହିତ୍ୟକୁ ସମୟବଦ୍ଧ କରିବାର ଯୋଜନାମାନ ଆରମ୍ଭ ହେଲା। କିନ୍ତୁ ଏକଥା ସତ ଯେ ଆମ ଜାଣତ-ଅଜାଣତରେ ସମୟଖଣ୍ଡ ସାହିତ୍ୟକୁ ପ୍ରଭାବିତ କରିଚାଲିଥାଏ। କେତେବେଳେ ସଂରଚନାରେ, କେତେବେଳେ ଭାବ-ବିନ୍ୟାସରେ, କେତେବେଳେ ପୁଣି ଘଟଣା ଓ ପ୍ରସଙ୍ଗର ରୂପାନ୍ତରରେ । କିନ୍ତୁ ମନେ ରଖିବାକୁ ହେବ ବେଳେବେଳେ ସମୟକୁ ମଧ୍ୟ ଅତିକ୍ରମ କରିପାରେ ସାହିତ୍ୟ । ଯୁଗୀୟ ରୁଚି, ଅଭିରୁଚି, ସଂସ୍କାର, ବିଦ୍ରୋହ-ବିପ୍ଳବ, ଧର୍ମ-ସମ୍ପ୍ରଦାୟ, ଚେତନା, ବିଶ୍ୱାସ ଆଦିକୁ ସମ୍ପୂର୍ଣ୍ଣ ଅଣଦେଖା କରି ମଧ୍ୟ ବଂଚିପାରେ ସାହିତ୍ୟକଟିଏ । ସମୟଖଣ୍ଡର ପ୍ରଭାବରୁ ନିଜକୁ ଦୂରେଇ ନିଜ ଚାରିପଟେ ତିଆରି କରିଥିବା ଜାଲ ଭିତରେ ବସି କାଟିପାରେ ଟସର । ଅଜବ ଦ୍ୱୈତ ସ୍ୱରୂପ -ସମୟ ଓ ସାହିତ୍ୟର । କେତେବେଳେ ଅଙ୍ଗାଙ୍ଗୀ ଭାବେ ସଂଯୁକ୍ତ ତ କେତେବେଳେ ପରସ୍ପରଠାରୁ ଦୂରରେ ।

ଏକବିଂଶ ଶତାବ୍ଦୀର କାଳଖଣ୍ଡରୁ ଆମେ ଭୋଗିଛେ ପ୍ରାୟ ଏକ ପଞ୍ଚମାଂଶ । ଆହୁରି ଚାରିଭାଗ ବାକି ଅଛି । ତଥାପି ତା'ର ମୂଲ୍ୟାୟନର ଉଦ୍ୟମ । ଏ ଉଦ୍ୟମରେ ଅଳ୍ପ ବାଟଚଲା ଓ ସମୟବିତାଣ ଅଛି, ବେଶୀ ସମ୍ଭାବନା-ଆଶା-ଆଶଙ୍କାର ପ୍ରାଦୁର୍ଭାବ ଅଛି । ପିଲାଦିନର ଚଷମା ପିନ୍ଧି ପ୍ରୌଢ଼ଜୀବନକୁ ଅବଲୋକନ କରିବାର ଉଦ୍ୟମ ଇଏ ବୋଲି କହିପାରନ୍ତି କେହି କେହି । ମାତ୍ର ଏହି ପ୍ରୟାସ ଗୋଟିଏ ଆସିବାକୁ ଥିବା ସମୟଖଣ୍ଡର ଆକଳନ, ଆସିସାରିଥିବା ସମୟଖଣ୍ଡ ଆଧାରରେ । ଯେମିତି ଯେଉଁଠି ତିଆରି ହୁଏ ଘୂର୍ଣ୍ଣିବଳୟ ଓ ଆରମ୍ଭ କରେ ତା'ର ଗତି, ସେଇ ଗତିପଥକୁ ଆଧାରକରି ପାଣିପାଗ ବିଶେଷଜ୍ଞମାନେ ଆକଳନ କରନ୍ତି ଘୂର୍ଣ୍ଣିବାତ୍ୟାର ପଥ; ଏ ଆକଳନ ସେହିଭଳି । ସମୟ ଯେତେ ଲମ୍ବିବ, ଅର୍ଥାତ୍ ଘୂର୍ଣ୍ଣିବଳୟ ଯେତେ ଅଧିକବାଟ ଅତିକ୍ରମ କରିବ, ତା'ର ମାଟିଛୁଇଁବାର  ସଠିକତା ସେତେ ଅଧିକ ସ୍ପଷ୍ଟ ହେବ । ଏଣୁ କୋଡ଼ିଏ ବର୍ଷର କାଳଖଣ୍ଡକୁ ଆଧାରକରି ଅଶୀବର୍ଷର କାଳଖଣ୍ଡ ବିଷୟରେ ଆଲୋଚନା କରିବା ଅପେକ୍ଷା ଆମେ ଭୋଗିସାରିଥିବା ଓ ବିତେଇସାରିଥିବା ସମୟଖଣ୍ଡରେ କ'ଣ ସବୁ ଘଟିସାରିଛି ବରଂ ସେଆଡ଼କୁ ଆଲୋଚନାକୁ ନେବା ଶ୍ରେୟସ୍କର ।

ଏମିତି ବି ହୋଇପାରେ ଯେଉଁ କୋଡ଼ିଏ ବର୍ଷ ଆମେ ବିତେଇ ସାରିଛୁ, ଏ ସମୟଖଣ୍ଡ ତା'ଠୁ ସମ୍ପୂର୍ଣ୍ଣ ଦୂରେଇ ଜୀବନ ଓ ସାହିତ୍ୟର ସମ୍ପୂର୍ଣ୍ଣ ନୂତନ ପରିଭାଷାଟିଏ ନିର୍ମାଣ କରିଦେଇପାରେ । କିଏ ଦେଖିଛି! କିଏ କହିବ!

ଏକବିଂଶ ଶତାବ୍ଦୀର ଅଦ୍ୟାବଧି ପ୍ରକାଶିତ ସାହିତ୍ୟକୁ ଲକ୍ଷ୍ୟକଲେ ଆମେ ପ୍ରାୟ ଚାରି ବର୍ଗର ସାହିତ୍ୟିକଙ୍କୁ ଦେଖୁ। ପ୍ରାୟ ଚାରୋଟି ବୟସବର୍ଗର ସାହିତ୍ୟିକ ଏ ସମୟଖଣ୍ଡରେ ଆତଯାତ । ପ୍ରଥମେ ରହିବେ ସେହିମାନେ, ଯେଉଁମାନେ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଯଥେଷ୍ଟ ପ୍ରକାଶନ, ପରିଚିତି, ସ୍ୱୀକୃତି, ପ୍ରସିଦ୍ଧି, ଖ୍ୟାତି, ପାଠକୀୟତା ସହିତ ଏକବିଂଶ ଶତାବ୍ଦୀରେ ପାଦ ଦେଇଛନ୍ତି । ପ୍ରାୟ ପରିଣତ ବୟସରେ ଏକବିଂଶ ଶତାବ୍ଦୀକୁ ଆସିଛନ୍ତି ବିଗତ ଶତାବ୍ଦୀର ନୈତିକତା, ମୂଲ୍ୟବୋଧ ଓ ପରମ୍ପରା ସହିତ ।

ଦ୍ୱିତୀୟବର୍ଗ ସେହି ସାହିତ୍ୟିକମାନଙ୍କ ପାଇଁ ଯେଉଁମାନେ ବିଂଶ ଶତକର ଶେଷ ଚଉଠରେ ଲେଖାଲେଖି କ୍ଷେତ୍ରକୁ ଆସିଛନ୍ତି । ଏମାନଙ୍କ ପାଖରେ ମଧ୍ୟ ବିଗତ ଶତାବ୍ଦୀର ପରମ୍ପରା ଓ ଐତିହ୍ୟ ଅଛି । ମାତ୍ର ଏମାନେ ସ୍ୱୀକୃତି ଓ ଉପାୟନର ସ୍ୱାଦ ପାଉଛନ୍ତି ପ୍ରାୟତଃ ଏକବିଂଶ ଶତକର ଆରମ୍ଭବେଳକୁ ।

ତୃତୀୟ ବର୍ଗର ଲେଖକମାନଙ୍କ ଲେଖକୀୟ ଜୀବନ ଆରମ୍ଭ ହୋଇଛି ବିଂଶ ଶତାବ୍ଦୀର ଶେଷ ଦଶକରେ । ଏମାନେ ୧୯୯୦ ର ଜଗତୀକରଣ ସମୟକୁ ହୁଏତ ପତ୍ରପତ୍ରିକା ବା ଖଣ୍ଡିଏ-ଦୁଇଖଣ୍ଡ ପ୍ରକାଶିତ ପୁସ୍ତକ ସହ ବିତେଇ ଏକବିଂଶ ଶତାବ୍ଦୀକୁ ଆସିଛନ୍ତି ।

ଶେଷ ବର୍ଗଟି ଅପେକ୍ଷାକୃତ ତରୁଣ । ଜନ୍ମ ହୁଏତ ବିଂଶ ଶତାବ୍ଦୀରେ ମାତ୍ର ଏକବିଂଶ ଶତାବ୍ଦୀରେ ଏମାନଙ୍କ ଲେଖାଲେଖି ଆରମ୍ଭ । ଏମାନଙ୍କ ବେଳକୁ ପତ୍ରପତ୍ରିକା ସହିତ ତାଳଦେଇ ସୋସିଆଲ୍ ମିଡ଼ିଆ ମଧ୍ୟ ସାହିତ୍ୟ ପ୍ରକାଶନର ମାଧ୍ୟମ ହୋଇଛି । ପୂର୍ବୋକ୍ତ ତିନି ବର୍ଗର ଲେଖକମାନେ ସୋସିଆଲ୍ ମିଡ଼ିଆ ସହିତ ଯୋଡ଼ିହେବା ଇଚ୍ଛାଧୀନ ବ୍ୟାପାର ବା ନିଜସ୍ୱ ଆଗ୍ରହବୋଧଭିତ୍ତିକ ପ୍ରସଙ୍ଗ ହୋଇଥିବାବେଳେ ଏଇ ତରୁଣବର୍ଗଟି ପାଇଁ ସୋସିଆଲ୍ ମିଡ଼ିଆ ଗୋଟିଏ ବିକଳ୍ପ ଭାବରେ ପ୍ରତିଭାତ ହେଉଛି । ପୂର୍ବ ପିଢ଼ି ପତ୍ରପତ୍ରିକା ସହିତ ସୋସିଆଲ୍ ମିଡ଼ିଆକୁ ଆସିଥିବା ବେଳେ ଏହି ତରୁଣ ବର୍ଗୀୟ ପିଢ଼ି ନିରୋଳା ସୋସିଆଲ୍ ମିଡ଼ିଆ ଆଧାରରେ ସାହିତ୍ୟ ସଂରଚନା ସହ ଯୋଡ଼ି ହୋଇଛନ୍ତି । କେଉଁଟି ଭଲ ,କେଉଁଟି ଖରାପ ତାହା ବିଚାର କରିବା ଅପେକ୍ଷା ଲେଖକମାନଙ୍କୁ ଏପରି ବାଣ୍ଟିବାର ଉଦ୍ଦେଶ୍ୟ ହେଉଛି ପ୍ରକାଶନର ମାଧ୍ୟମ ଓ ବିକଳ୍ପ ଅନୁସାରେ ଲେଖକୀୟ ରୁଚିର ପରିବର୍ତ୍ତନକୁ ଦର୍ଶାଇବା। ଏ ବର୍ଗୀକରଣ ପ୍ରକାଶନ ଶିଳ୍ପର ପ୍ରାଚୀନତାଠାରୁ ସମ୍ପାଦନାହୀନ ବା ନିଜସ୍ୱ ଆବେଗକୁ ଅବିକଳ-ଅସମ୍ପାଦିତ ଭାବେ ପ୍ରକାଶ କରିବାର ଧାରାକୁ ଦର୍ଶାଉଛି । ପାଠକ ରୂପାନ୍ତରିତ ହେଉଛି ଲାଇକ୍ ବା କମେଣ୍ଟରେ 'ୱା ୱା' ଲେଖି ଖସିଯାଉଥିବା ଦେଖଣାହାରୀରେ। ଏ ପରମ୍ପରା ସାହିତ୍ୟର ବିପଣୀଭିତ୍ତିକ ରୂପାୟନ । ଏହାକୁ ଖରାପ କହିବା ବା ଭଲ କହିବା କୌଣସି ଫରକ୍ ପକାଇବ ନାହିଁ । ଏ ସମୟର ସାହିତ୍ୟିକ ଏ ମାଧ୍ୟମକୁ ଗ୍ରହଣ କରିବାକୁ ଏକରକମ ବାଧ୍ୟ ଓ ବିକଳ୍ପହୀନ ।

(୨)

ସ୍ୱାଧୀନତା ଭାରତକୁ ଅନେକ କିଛି ଦେଇଛି । ୧୯୪୭ ଖ୍ରୀଷ୍ଟାବ୍ଦକୁ ଆଧାର କରି ସାହିତ୍ୟର କାଳବିଭାଜନପୂର୍ବକ ଆଲୋଚନା ମଧ୍ୟ ଲେଖାହେଇଛି । କେହିକେହି ବିଭାଜନର ଗାରକୁ ୧୯୪୭ ଖ୍ରୀଷ୍ଟାବ୍ଦରୁ ୧୯୫୦ ଖ୍ରୀଷ୍ଟାବ୍ଦକୁ ଟାଣିଆଣିଛନ୍ତି । କିନ୍ତୁ ୧୯୭୦ ଖ୍ରୀଷ୍ଟାବ୍ଦରେ ପହଂଚିଲା ବେଳକୁ ମ୍ଳାନ ପଡ଼ିଯାଇଛି ଅନେକ ସ୍ୱପ୍ନ,ସମ୍ଭାବନା ଓ ଆଶା । ବଦଳି ଚାଲିଥିବା ସମୟ କ୍ରମେ ଅଜଗର ହୋଇ ଗିଳିଦେଇଛି ସ୍ୱାଧୀନତା ପ୍ରାପ୍ତିର ପୁଲକକୁ । ଜୀବନ-ସଂଘର୍ଷ ଗୁରୁତ୍ୱପୂର୍ଣ୍ଣ ହୋଇ ଠିଆ ହେଇଛି । ରାଜନୀତିକ ପଟ୍ଟ ପରିବର୍ତ୍ତନ, ଯୁଦ୍ଧ, କ୍ଷମତାକନ୍ଦଳ ଭାରତକୁ ନିରାଶାର ନୂତନ ନୂତନ ଦିଗନ୍ତ ଦେଇଛି । କେତେବେଳେ ଆଂଚଳିକତା ତୀବ୍ରତର ହୋଇଛି ତ କେଉଁଠି ହିଂସାତ୍ମକ ଆଚରଣ, ଦ୍ୱେଷ, ସାଂପ୍ରଦାୟିକତା, ରକ୍ତପାତ, ବିଭୀଷିକା, ଜାତିବାଦ ଭଳି ସମସ୍ୟାମାନ ଦେଶର ଅଣ୍ଟାକୁ ସଳଖ ହେବାକୁ ଦେଇନାହାନ୍ତି ।

ବିଂଶ ଶତାବ୍ଦୀର ସାହିତ୍ୟିକଙ୍କ ପରିସର ସମ୍ବନ୍ଧରେ ଥରେ କମଳାକାନ୍ତ ମହାପାତ୍ର କହିଥିଲେ ଯେ,"କେବଳ ଭାଷା ନୁହେଁ, ଓଡ଼ିଆ ଲେଖକର ଅନୁଭୂତିର ପରିସର ମଧ୍ୟ କ୍ରମେ ସଙ୍କୁଚିତ ହୋଇପଡୁଛି । ଆମମାନଙ୍କ ଅପେକ୍ଷା ଆମ ପୂର୍ବ ପିଢ଼ିର ଲେଖକଙ୍କ ଅନୁଭୂତି, ଅଭିଜ୍ଞତାର ପରିସର ଢେର୍ ବେଶୀ ବଡ଼ ଥିଲା; ଏହା ସେମାନଙ୍କ ସାହିତ୍ୟରୁ ସହଜରେ ଜାଣିହୁଏ । ସେମାନଙ୍କର ସମସ୍ତଙ୍କର ଗାଁରେ ଗୋଟିଏ ଗୋଡ଼ ଥିଲା; ସେମାନଙ୍କ ଜୀବନ ସଂଗ୍ରାମ ଆମମାନଙ୍କ ଜୀବନ ସଂଗ୍ରାମ ଅପେକ୍ଷା ବେଶୀ ତୀବ୍ର ଓ ଗଭୀର ଥିଲା । ଏବେ ମଧ୍ୟବିତ୍ତ ପରିବାରରୁ ଉତ୍ପନ୍ନ ବହୁ ଶିକ୍ଷିତ ଯୁବକ ଯୁବତୀଙ୍କ ସ୍ୱପ୍ନ ଉଚ୍ଚ ଚାକିରି, ଘରଦ୍ୱାର, ସୁନ୍ଦର ସ୍ତ୍ରୀ ବା ସ୍ୱାମୀ, ସାମାଜିକ ପ୍ରତିଷ୍ଠା ଓ ସମ୍ମାନ,ଏ ପ୍ରକାର ସ୍ୱପ୍ନ ସାକାର କରିବା ପାଇଁ ଜୀବନଧାରାକୁ ଏତେ ସଂକୀର୍ଣ୍ଣ ଭାବେ କାଟିବାକୁ ପଡ଼େ ଯେ ସତର୍କ ଛାତ୍ର ଜାଣିଶୁଣି ବହୁ ଅନୁଭୂତି, ଅଭିଜ୍ଞତାରୁ ନିଜକୁ ଦୂରେଇ ରଖେ । X X X ଓଡ଼ିଆ ସମାଜରେ କେବେ କେହି ଅନ୍ୟକିଛି ନ ହୋଇ ଲେଖକ ହେବାର ସ୍ୱପ୍ନ ଦେଖିନାହିଁ । ଲେଖକ ହେବା ସ୍ୱପ୍ନ ପଛରେ କେଉଁ ଓଡ଼ିଆ ତା ଜୀବନ ଯୌବନକୁ ଉଜାଡ଼ି ଦେଇଥିବା ଦୃଷ୍ଟାନ୍ତ ମୋ ନଜରରେ ନାହିଁ ।"(୧) ହୁଏତ କମଳାକାନ୍ତଙ୍କ ବକ୍ତବ୍ୟରେ କ୍ଷୋଭ ଲୁଚିରହିଛି ମାତ୍ର ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା କହି ଏଡ଼ାଇ ଯାଇ ହବ କି? ଆମ ସାହିତ୍ୟ ମଧ୍ୟ ମୁଖ୍ୟତଃ ପ୍ରଶାସନ ଓ ଅଧ୍ୟାପନାର ବଳୟରେ ବନ୍ଦୀ । ଏ ସମୟଖଣ୍ଡରେ ପ୍ରଶାସକ ଅଥବା ଅଧ୍ୟାପକ ବର୍ଗରୁ ହିଁ ଆମର ଅଧିକାଂଶ ସାହିତ୍ୟିକ ଆସିଛନ୍ତି । ଅବଶ୍ୟ ସାହିତ୍ୟିକଟିଏ ତା'ର ଜୀବନଧାରଣ ପାଇଁ ଯେକୌଣସି ବୃତ୍ତି ନିର୍ଭର ହେବାକୁ ବାଧ୍ୟ । ଯେକୌଣସି ଗୋଟିଏ ଅର୍ଥ ଉପାର୍ଜ୍ଜନକାରୀ ଆୟର ପନ୍ଥା ନ ଧରିଲେ ଏ ଭୂଖଣ୍ଡରେ ସାହିତ୍ୟକୁ ନେଇ ଜୀବନ ଜିଇଁବା କଷ୍ଟ। ମାତ୍ର କମଳାକାନ୍ତଙ୍କ ଆକଳନର ଗୋଟିଏ ଅନ୍ୟଦିଗ ଅଛି । କାରଣ ବୃତ୍ତି ମଧ୍ୟ ମଣିଷର ଦୃଷ୍ଟିଭଙ୍ଗୀ ତିଆରେ । ଜୀବନ ଜିଇଁବାର ଅଭ୍ୟାସ ମଣିଷର କଳ୍ପନାଜଗତକୁ ପ୍ରଭାବିତ କରେ । ତେଣୁ ହୁଏତ ବିଂଶ ଶତାବ୍ଦୀର ପ୍ରଥମ ଅର୍ଦ୍ଧଶତାବ୍ଦୀର ସାହିତ୍ୟର ଜାତୀୟତାବାଦୀ ଚିନ୍ତାଧାରା, ସବୁଜ ସ୍ୱପ୍ନ ଓ କଳ୍ପନା ବା ପ୍ରତୀକଧର୍ମୀ ପ୍ରତିବଦ୍ଧତା ସ୍ୱାଧୀନତା ପରବର୍ତ୍ତୀ କାଳରେ ତାର ସ୍ୱରୂପ ପରବର୍ତ୍ତନ କରି ଗୋଟିଏ ସମୟରେ ପ୍ରଚୁର ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଛି । ପୁନଶ୍ଚ ୧୯୮୦ ପରବର୍ତ୍ତୀ ସମୟରେ ଏ ବ୍ୟକ୍ତିକୈନ୍ଦ୍ରିକ ଧାରାରୁ ମୁକୁଳିବା ପାଇଁ ଚେଷ୍ଟାକରି ବାଟ ମଧ୍ୟ ପାଇଛି । ସାହିତ୍ୟ କେବଳ ବିଳାସ ବା 'ମାଡ଼ିବା' ଭଳି ଜୈବିକ ପ୍ରବୃତ୍ତିର ବଶବର୍ତ୍ତୀ ନ ହୋଇ ଏକ ପ୍ରତିବଦ୍ଧତାରେ ରୂପାନ୍ତରିତ ହୋଇଛି । ଭଞ୍ଜ ଲେଖିଥିଲେ, "ତୁ ମୋ ପ୍ରତିଚକ୍ଷୁ ଯେଣୁ ହୋଇଛୁ ଅନ୍ତର/ଦିଶୁନାହିଁ କିଛି କାହିଁ ଆନ ପ୍ରତିକାର/ନୂଆ ଅନ୍ଧପ୍ରାୟ ହୋଇ/ଅନୁକ୍ଷଣେ ଆକୁଳ ବଢୁଛି ପ୍ରାଣ ସହି,"(ପ୍ରେମ ସୁଧାନିଧି,୧୪:୩)। ଏ ସମୟ ସେଇ ପ୍ରତିଚକ୍ଷୁ ବା ପ୍ରଚକ୍ଷୁ ପାଖରେ ଅଟକିବାକୁ ବାଧ୍ୟ ହେଉଛି। ଆମ ଦୃଷ୍ଟିଭଙ୍ଗୀରେ ନିକଟଦୃଷ୍ଟି (myopia), ଦୃଷ୍ଟି ବକ୍ରତା ଓ ଦୃଷ୍ଟିହୀନତା

ମଧ୍ୟ କିଛି କମ୍ ନାହିଁ । ଅବଶ୍ୟ ଏକବିଂଶ ଶତାବ୍ଦୀରେ ଅନ୍ୟ ଗୋଟିଏ ବର୍ଗର ସାହିତ୍ୟ ସମ୍ପୃକ୍ତି ଅଧିକ ବଢ଼ିଛି । ସେହି ବର୍ଗଟି ହେଲା ସାମ୍ବାଦିକତା ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କର । ପୂର୍ବରୁ ଯେ ସାମ୍ବାଦିକତା ସହିତ ଜଡ଼ିତ ସାହିତ୍ୟିକ ନଥିଲେ ତା' ନୁହେଁ କିନ୍ତୁ ସଂଖ୍ୟା ଅନୁପାତରେ ବିଚାର କଲେ ସାଂପ୍ରତିକ ସମୟର ଅନେକ ସର୍ଜନଶୀଳ ଲେଖକ ସାମ୍ବାଦିକତା ସହିତ ଜଡ଼ିତ ଥିବା ଦେଖିବାକୁ ମିଳେ ।

ଏକବିଂଶ ଶତାବ୍ଦୀରେ ପହଞ୍ଚିଲାବେଳକୁ ଆମର ବିଚାର ଓ ଆଭିମୁଖ୍ୟରେ ଏକାଧିକ ପରିବର୍ତ୍ତନ ଦେଖାଦେଇଛି। "ହଜାରହଜାର ବର୍ଷଧରି ତିନୋଟି ଜିନିଷ ମଣିଷକୁ ଆଗକୁ ବଢ଼େଇ ନେଇଛନ୍ତି । ସେମାନେ ହେଉଛନ୍ତି ଧର୍ମ, ନୈତିକତା ଓ ଶିକ୍ଷା । ବର୍ତ୍ତମାନ ତିନୋଟିଯାକ ମଣିଷର କାନ୍ଥ ହୋଇଛନ୍ତି । X X X ନୈତିକ ନିୟମଙ୍କର ଅସାମର୍ଥ୍ୟକୁ ବାରିବାପରେ ମଣିଷ ନୈତିକତାକୁ ହିଂସ୍ରଭାବରେ ଭାଙ୍ଗିବାରେ ଲାଗିଛି । ନିଶ୍ଚିତ ଭାବେ ଏହା ଯୁକ୍ତିସଂଗତ ଆଚରଣ ନୁହେଁ । ବିଚାର, ଯୁକ୍ତି ଦ୍ୱାରା ଗଢ଼ାଯାଇଥିବା ରାସ୍ତାରେ ଚାଲିବ ବୋଲି ମଣିଷ କେବେ ପ୍ରତିଶ୍ରୁତି ଦେଇନାହିଁ ।"(୨) ଅର୍ଥାତ୍ ସାଂପ୍ରତିକ ମଣିଷର ଜୀବନଶୈଳୀ ଓ ବିଚାରଧାରା ଯେ ବିଗତ ଶତାବ୍ଦୀଠାରୁ କ୍ରମଶଃ ଦୂରେଇ ଯାଉଛି, ଏକଥା ସ୍ପଷ୍ଟ । ଆଲୋଚକମାନେ ବିଭିନ୍ନ ସମୟରେ ଏହି ସଂକୀର୍ଣ୍ଣ ମନୋଭାବକୁ ନେଇ ପ୍ରଶ୍ନ ଉଠେଇଛନ୍ତି । କହିଛନ୍ତି "ଶୀର୍ଣ୍ଣ ସଂକୀର୍ଣ୍ଣ ସଂକୁଚିତ ବି ଆଜି ମଣିଷର ମନ । ଏହା ହିଁ ସକଳ ସଂକୀର୍ଣ୍ଣତା, ସଙ୍କୋଚନ, ସଂସ୍କୃତି-ସ୍ୱାଭିମାନ-ଶୂନ୍ୟତାର ମୂଳମଞ୍ଜି । ଶାସ୍ତ୍ର ଯଥାର୍ଥରେ କହିଛି – 'ମନର ମୂଳେ ଏ ଜଗତ' । ମନଟା ଦୃଢ଼ ନ ଥିବାରୁ ଆଜିର ମଣିଷକୁ ଗଙ୍ଗା ବି ଗଡ଼ିଆ ପରି ଦିଶୁଛି, ସେ ତାକୁ ପ୍ରଦୂଷିତ କରୁଛି । ମୂଳଦୁଆ ଦୁର୍ବଳ ହୋଇଯିବାରୁ ମନଟା ଆଜିକାଲି ଉଦ୍ଧବ ମାନଙ୍କର ଗୁରୁ ହୋଇପାରୁନି, ସେଇଥିପାଇଁ ଉଦ୍ଧବମାନେ ଆଜିକାଲି ଅଣ୍ଡିରିପୁଅ ଉଦ୍ଧବ ବନିଯାଉଛନ୍ତି।"(୩) ଏ ବ୍ୟଙ୍ଗୋକ୍ତି ଭିତରେ ମଧ୍ୟ ମୂଲ୍ୟବୋଧ ଭୁଷୁଡ଼ି ପଡ଼ିବାର କାରୁଣ୍ୟ ଅଛି । ଅର୍ଥାତ୍ ବିଗତ ଶତାବ୍ଦୀର ଚଷମାରେ ନୂତନ ଶତାବ୍ଦୀ ହୁଏତ ଛିନ୍ନମୂଳ ଦିଶୁଛି ବା ହେଇଯାଇଛି କିମ୍ବା ଏମିତି ବି ହୋଇପାରେ ଏ ଭାଙ୍ଗିବା ପଛରେ ବି ନୂଆକରି ତିଆରି ହେବାର ପ୍ରତିଶ୍ରୁତିଟିଏ ଲୁଚିରହିଛି, ଯାହା ଆମର ସୀମିତତା ଭିତରେ ଧରାପଡ଼ିନି ଏ ଯାଏଁ ।

ଏଇ ପ୍ରସଙ୍ଗରେ ମନେପଡୁଛନ୍ତି କବି ଓ ସମାଲୋଚକ ସୌରୀନ୍ଦ୍ର ବାରିକ । 'ଜଗତର ରଙ୍ଗ, ରଙ୍ଗର ଜଗତ'ପ୍ରବନ୍ଧରେ ଚିତ୍ରକଳା ଓ ଚିତ୍ରଶିଳ୍ପୀର ଅସ୍ତିତ୍ୱ କଥା କହିଲାବେଳେ ସେ କୁହନ୍ତି, "ଏହି ନୂଆ ଜଗତର ସୃଷ୍ଟି ହିଁ କଳାର ବୈଶିଷ୍ଟ୍ୟ । ଏହି ଜଗତରେ ଆଜିର ଶିଳ୍ପୀ ନିଜକୁ ସ୍ରଷ୍ଟାଭାବରେ ପ୍ରତିଷ୍ଠିତ କରେ। ଆଜିର ଜଗତ ଆଉ ଶିଳ୍ପୀର ବିକଳ୍ପ ଜଗତର ସ୍ଥିତି ଏଇଠି । ଆଜିର ଜଗତରେ ବିଶ୍ୱାସ ମୃତ ଅବା ସବୁ ବିଶ୍ୱାସ ପ୍ରତି ଆଜିର ମଣିଷ ଉଦାସୀନ ଅବା ବିମୁଖ । ଆଜିର ଶିଳ୍ପୀ ରଙ୍ଗର ଜଗତ ଭିତରେ ହଜିଯାଇଥିବା ଏହି ବିଶ୍ୱାସକୁ ଖୋଜୁଛି। ବସ୍ତୁ ଜଗତରେ ଯାହା ଦେଖୁଛି, ଚପଳଚିନ୍ତା ଆଉ ମତବାଦର ଜଗତରେ ଯେମିତି ସନ୍ତୁଳି ହେଉଛି,ତା'କୁ ବୌଦ୍ଧିକତାର ସାହାଯ୍ୟରେ ରୂପଦେଇ ନୁହେଁ, କଳ୍ପନା ସାହାଯ୍ୟରେ ଏକ ବିଶ୍ୱାସ ସୃଷ୍ଟିକରି ତା'କୁ ଖୋଜୁଛି । ଅହଂର ଅନ୍ଧତ୍ୱ ଅବା ସଂକୀର୍ଣ୍ଣତା ନୁହେଁ, ବରଂ ଏହାର ସମ୍ଭାବନା ଏବଂ ଉଦାରତାକୁ ପ୍ରତିଷ୍ଠାକରି ଶିଳ୍ପୀ ଏହାର ପ୍ରୟାସୀ । ଅହଂର ଏହି ଉଦାରୀକରଣ ତଥା ଉତ୍ତରଣ ଏବଂ ବଂଚିବାର ଏକ ନୂଆ ଅର୍ଥ ଖୋଜିବାର ସ୍ୱପ୍ନ ହିଁ ଆଜିର ଶିଳ୍ପୀର ଅନ୍ୱେଷା ।"(୪) ଜଣାପଡୁଛି ଆଜିର ଶିଳ୍ପୀ ସତେଯେମିତି ଠିଆ ହୋଇଛି ଗୋଟିଏ ସନ୍ଧିକ୍ଷଣରେ । ଛନ୍ଦି ହେଉଛି, ଧନ୍ଦି ହେଉଛି, ରଙ୍ଗ ଫେଣ୍ଟୁଛି, ତୁଳୀ ସଜାଡୁଛି, କାନ୍‌ଭାସ୍ ତିଆରିର ଉଦ୍ୟମ କରୁଛି, ବିକଳ୍ପର ସନ୍ଧାନ କରୁଛି ।

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏଇ ବିକଳ୍ପ ସନ୍ଧାନର ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି । ପ୍ରତ୍ୟେକ ବ୍ୟକ୍ତି ତା'ର ବର୍ତ୍ତମାନର ଅସନ୍ତୁଷ୍ଟି ସହ ବଂଚୁଛି । ଅବସୋସ ଓ ଅସହାୟତାର ତୁଣ୍ଡିବନ୍ଧା ମୁହୂର୍ତ୍ତସବୁକୁ ନା ବ୍ୟକ୍ତ କରିପାରୁଛି, ନା ସହି ପାରୁଛି, ମୁକ୍ତହେବାର ବ୍ୟାପକ ସୁଯୋଗ ସତ୍ତ୍ୱେ ଗୁଡ଼ିଏ ଜିଭକଟା ବନ୍ଧନ ତାକୁ ଛଟପଟ କରୁଛି । ଏକବିଂଶ ଶତାବ୍ଦୀର ଜୀବନ ସାହିତ୍ୟରେ ରୂପାୟିତ ହେଲାବେଳକୁ ଆମେ ବ୍ୟକ୍ତିର ଏହି ସଂଘର୍ଷ ଓ ଲହୁଲୁହାଣର ଚିତ୍ରମୟ ଦରଜ ସବୁକୁ ଦେଖିପାରୁଛେ, ଦେଖିଚାଲିଛେ ।

କେତେକାଂଶରେ ମନେହୋଇଛି ଏକବିଂଶ ଶତାବ୍ଦୀ ବିଂଶ ଶତାବ୍ଦୀର ଅନେକ ଆରମ୍ଭକୁ ପ୍ରାଧାନ୍ୟ ଓ ପ୍ରତିଷ୍ଠା ଦେଇଛି । ଦଳିତ ଓ ନିମ୍ନ ବର୍ଗୀୟ ପ୍ରବଣତା ବଢ଼ିଛି, ନାରୀର ବହୁବିଧ ଓ ପ୍ରସାରିତ ନିର୍ଯାତନାର ବଳୟକୁ ସାମ୍ନାକୁ ଆଣିଛି । ପଟିବନ୍ଧା ଆଖିର କଳାପରଦା ଭିତରେ ତଉଲିବାକୁ ପଡୁଛି ନ୍ୟାୟର ତରାଜୁ । ସତ ଲୁଚି ରହିଛି କାଗଜ, କଲମ, ମୁଦେଇ, ମୁଦାଲାଙ୍କ ସାକ୍ଷୀ-ପ୍ରମାଣ ଭିତରେ। ହିଂସା ଓ ସାମ୍ପ୍ରଦାୟିକତାର ଗଳିବାଟ କ୍ରମଶଃ ରାଜପଥରେ ରୂପାନ୍ତରିତ ହୋଇଛି । ମୂଲ୍ୟବୋଧ, ଆଦର୍ଶ, ତ୍ୟାଗ, ତିତିକ୍ଷାର ନିରନ୍ତର ହତ୍ୟା ଓ ତଣ୍ଟିଚିପା ମୁହୂର୍ତ୍ତର ସାକ୍ଷୀ ହୋଇ ଠିଆ ହୋଇଛି ନିରୀହ ଅସହାୟ ଜୀବନ । ଧର୍ମର ଗୈରିକୀକରଣ ଭିତରେ ଆଧୁନିକ ଓ ଅଳ୍ପଦିନିଆ ଚମକ ସୃଷ୍ଟିକାରୀ ଇଶ୍ୱରମାନଙ୍କ ସଂଖ୍ୟା ବଢ଼ିଛି। ସେମାନଙ୍କ କାରାଗାର ଯାତ୍ରା ପୁଣି ନୂଆ ନୂଆ ଈଶ୍ୱର ତିଆରି କରୁଛି । ବିଶ୍ୱାସ ଓ ପରମ୍ପରାକୁ ହରେଇ ସମ୍ପୂର୍ଣ୍ଣ ଛିନ୍ନମୂଳ ଜୀବନକୁ ଆଦରି ନେଇଥିବା ସମାଜ ଭିତରେ ବରଂ ଏଇ ଛଦ୍ମ ପ୍ରଲୋଭନଧର୍ମୀ ଈଶ୍ୱରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବଢ଼ିଛି ମଧ୍ୟ ଆଂଚଳିକତା, ଉଦାରୀକରଣ, ବଜାରଦର, ମୂଲ୍ୟବୋଧ ଓ ଆଦର୍ଶ ଅପେକ୍ଷା ଅଟ୍ଟାଳିକା ତିଆରିର ମୋହ । "ସାହିତ୍ୟିକ ସମୟର ଅନୁଗାମୀ (time traveler) । କବି ଆଉ ଲେଖକ ସେମାନଙ୍କ କୃତି ଜରିଆରେ କାଳକୁ ଜିଆଁଇ ରଖିପାରନ୍ତି । ନୂତନ ଋତ୍ୱିକ ସେମାନେ । ନବନବୋନ୍ମେଷ ଶାଳିନୀ ପ୍ରଜ୍ଞାର ଅଧିକାରୀ । ଏକାଦଶ ଅବତାର । ମେଘଦୂତ କି ହଂସଦୂତ ନୁହେଁ ,ପରିବର୍ତ୍ତନର ଦୂତ । ଏଣୁ ମୁକ୍ତିର ପଥ ଆସିବ ସାହିତ୍ୟିକଙ୍କ ଭିତରୁ ।"(୫) ମୁକ୍ତିର ପଥ ଆସିବ ସାହିତ୍ୟିକଙ୍କ ପ୍ରସଙ୍ଗ ଜଡ଼ିତ ଜୀବନ ଓ ପ୍ରତିବଦ୍ଧତାରୁ । ଅନେକେ ଜାଣନ୍ତି ଯେ ଆମର ଅନେକ ଓ ଅଧିକାଂଶ ପ୍ରତିବାଦ କେବଳ କାଗଜ-କଲମ ଶବ୍ଦର ବିପ୍ଳବ ଭିତରେ ସୀମିତ । ବିପ୍ଳବ ଓ ବିପ୍ଳବର ଆନୁପ୍ରାସିକ ପଦଲାଳିତ୍ୟ କେବେହେଲେ ଏକାକଥା ନୁହେଁ । ଅଳ୍ପ ସମୟ ପୂର୍ବରୁ ସେଥିପାଇଁ ସାହିତ୍ୟିକର ପରିସର କଥା ଆଲୋଚନା ବେଳେ ଆଲୋଚକ କହିବାକୁ ଚାହୁଁଥିଲା ଯେ ବୃତ୍ତି ଓ ବର୍ଗଭିତ୍ତିକ ବିବିଧତା ନ ଆସିବା ଯାଏଁ ସାହିତ୍ୟ ଏକାଭଳି ହେଇଯିବାର ଭୟଟିଏ ରହିବା ସ୍ୱାଭାବିକ । ଆମ ସାହିତ୍ୟ ହୁଏତ ଏଯାଏଁ ବଙ୍ଗଭାଷା ଭଳି ବେବି ହାଲ୍‌ଦାର ପାଖରେ ପହଂଚି ପାରିନାହିଁ, ଯିଏ ତା ଅଙ୍ଗେନିଭା କାହାଣୀକୁ ସାହିତ୍ୟିକର ପ୍ରଲେପବୋଳା-ରଙ୍ଗଦିଆ ଭାଷାରେ ନୁହେଁ ବରଂ ନିଜ ଭାଷାରେ ମୁକ୍ତ ଭାବରେ କହି ଆବେଗ ଓ ଅନ୍ତରଙ୍ଗତା ତିଆରି କରିପାରିବ । ବିଜୟ ତେଣ୍ଡୁର୍‌କର୍ କି ସଫ୍‌ଦାର୍

ହାସ୍ୟମୀଟିଏ ତିଆରି କରିପାରିନି ଯିଏ ପ୍ରତିବାଦର ସ୍ୱର ଶୁଣେଇ ଶୁଣେଇ ସାରା ଜୀବନ ସଂଘର୍ଷ ଓ ଲହୁଲୁହାଣ ମୁହୂର୍ତ୍ତସବୁକୁ ନେଇ ଜୀବନ ବଂଚିବ ।

(୩)

୧୯୫୫ ଖ୍ରୀଷ୍ଟାବ୍ଦରେ (ଅର୍ଥାତ୍ ଗୋଟାଏ ଶତାବ୍ଦୀର ପ୍ରାୟ ମଧ୍ୟ ଭାଗରେ) ଯେତେବେଳେ ଏକ ପାଠକ-ପ୍ରିୟ ପତ୍ରିକା 'ଆସନ୍ତାକାଲି'ରେ ପ୍ରାଣନାଥ ପଟ୍ଟନାୟକ 'ଆସନ୍ତା କାଲିର ସାହିତ୍ୟ' ଶିରୋନାମାରେ ଲେଖିବା ଆରମ୍ଭ କରିଥିଲେ, ସେତେବେଳେ ତାଙ୍କ ପ୍ରଗତିଶୀଳ ଚିନ୍ତାଧାରା ଓ ଦୃଷ୍ଟିକୋଣରୁ ଭବିଷ୍ୟତର ସାହିତ୍ୟ କିପରି ହେବ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ତା'ର ଏକ ନମୂନା ପାଇଁ ପାଠକେ 'ଆସନ୍ତା କାଲିର ସାହିତ୍ୟ' ବହିଟି ପଢ଼ିପାରନ୍ତି । ଏ ବହିଟିରେ ପ୍ରଗତିଶୀଳ ଦୃଷ୍ଟିକୋଣ ଭିତ୍ତିରେ ସାହିତ୍ୟର କାଳକୁ ବାଣ୍ଟିଲାବେଳେ ସେ ଓଡ଼ିଆ ସାହିତ୍ୟରେ ସାମନ୍ତବାଦୀ ଯୁଗ, ଦାସ ଯୁଗ, ସାମ୍ରାଜ୍ୟବାଦୀ ଯୁଗ ଓ ପୁଞ୍ଜିବାଦୀ ଯୁଗ କଥା କହିଛନ୍ତି । 'ଶ୍ରେଣୀ ସାହିତ୍ୟ'ର ବିଶେଷ ଆଲୋଚନା କରି ପ୍ରଗତିଶୀଳ ସାହିତ୍ୟର ନିର୍ଭରଯୋଗ୍ୟ ଆଶ୍ୱାସନା କିପରି ପରବର୍ତ୍ତୀ ସମୟକୁ ପ୍ରଭାବିତ କରିବ ସେକଥା କହିଛନ୍ତି । ଜାତୀୟବାଦୀ ଓ ପ୍ରଗତିବାଦୀ ଚିନ୍ତା ଚେତନାର ପାର୍ଥକ୍ୟ ଦର୍ଶାଇଛନ୍ତି, ତା' ସହିତ ଉତ୍ପାଦନ ଓ ଶ୍ରମ କିପରି ସାହିତ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସେ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି । ଆଜିର ସାହିତ୍ୟ ହିଁ ହେଉଛି ବିଶ୍ୱ ସାହିତ୍ୟ ଓ ବିଶ୍ୱଶାନ୍ତି ଏହାର ଆଧାର ବୋଲି 'ଆଜିର ସାହିତ୍ୟର ବିଶ୍ୱଜନୀନ ଆଭିମୁଖ୍ୟ'ପ୍ରବନ୍ଧରେ କହିଛନ୍ତି ।(୬) ମାତ୍ର କ୍ରମେ ଏ ଆଶା ନିଷ୍ପ୍ରଭ ହୋଇଯାଇଛି । ଆମ ସାହିତ୍ୟରେ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପ୍ରଗତିଶୀଳ ଦୃଷ୍ଟି ଅପେକ୍ଷା ଅନ୍ୟାନ୍ୟ ପ୍ରସଙ୍ଗ ଆଡ଼କୁ ଅଗ୍ରସର ହୋଇଛି । ପ୍ରଗତି ସାହିତ୍ୟର ଗଣ ଆଭିମୁଖ୍ୟ ଜଣକୈନ୍ଦ୍ରିକ ହୋଇପଡ଼ିଛି । ବ୍ୟକ୍ତି ଓ ମନସ୍ତତ୍ତ୍ୱ ବିଂଶଶତାବ୍ଦୀର ଦ୍ୱିତୀୟାର୍ଦ୍ଧକୁ ନିୟନ୍ତ୍ରଣ କରିଛି । ପୁନଶ୍ଚ ଶତାବ୍ଦୀ ସରିଆସିଲା ବେଳକୁ ସେଥିରୁ ମୁକୁଳିଯିବାର ପ୍ରୟାସ ମଧ୍ୟ ଯୋଡ଼ି ହୋଇ ରହିଛି ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଗ୍ରୀକ୍ କବି ଥିଓନିସ୍ ପ୍ରଥମେ Eugenics ର ଧାରଣା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ଲାଟୋଙ୍କ ଲେଖାରେ ମଧ୍ୟ ଏ ସମ୍ବନ୍ଧରେ ବିଭିନ୍ନ ନିର୍ଦ୍ଦେଶ ଥିଲା। ପରେ କାମ୍ପାନେଲା (୧୫୬୮-୧୬୩୯) ଏହି ଭାବଧାରାର ପୁନରୁଦ୍ଧାର କରିଥିଲେ । ଫ୍ରାନସିସ୍ ଗାଲ୍‌ଟନ୍ (୧୮୨୨-୧୯୧୧) ଓ କାର୍ଲ ପିଅରସନ୍‌ଙ୍କ ଜରିଆରେ ଆମେ ଏହାର ଆଧୁନିକ ଭାବଧାରା ସହିତ ଜଡ଼ିତ ହେଲେ ।

ମନେ ରଖିବାକୁ ହେବ ଭାଷା ବା ଶବ୍ଦ ଆମ ପାଇଁ ଏକ ଉଦ୍ଦୀପନା ଓ ପ୍ରତିକ୍ରିୟା । ଏହା ପ୍ରତିକ୍ରିୟାରୁ ତିଆରି ଓ ନୂତନ ଉଦ୍ଦୀପନାର ନିର୍ମାଣକାରୀ । ଉଦ୍ଦୀପନାରୁ ପୁଣି ନୂତନ ପ୍ରତିକ୍ରିୟା । ନୂତନତା ନିମିତ୍ତ ଭାଷା ଆଉ ସାହିତ୍ୟର ବିବର୍ତ୍ତନ ଏକାନ୍ତ ଆବଶ୍ୟକ । ସେଥିରୁ ତିଆରି ହୁଏ ନୂତନ ସ୍ୱର, ନୂତନ ସମ୍ଭାବନାର ବଂଶକୂଟ, ନୂତନ Eugenics ।(୭) ସାହିତ୍ୟିକ ଏହି ନୂଆ ସ୍ୱର, ନୂଆ ଗୀତର ପ୍ରବକ୍ତା ହେବା ସହିତ ତା'ର ଛନ୍ଦ,ଲୟ,ତାନ ନିର୍ମାଣରେ ଅଗ୍ରଗାମୀ ହେବ । ନୂତନ ଶିକ୍ଷାଗ୍ରନ୍ଥ, ନୂତନ କବିତ୍ୱ, ନୂତନ ସଂସ୍କୃତି-ବିବର୍ତ୍ତନର ସେତୁ ହେବ । କବି ଓ ସାହିତ୍ୟିକ ନୂତନତା ଖୋଜିବା ଉଦ୍ଦେଶ୍ୟରେ କେବଳ ଯାତ୍ରା ଆରମ୍ଭ କରନ୍ତି ନାହିଁ; ସେମାନେ ନୂତନ ଶବ୍ଦ କି ନୂତନ ଅର୍ଥର ଉଦ୍ଭାବକ ମଧ୍ୟ ସବୁ ସମୟରେ ନୁହଁନ୍ତି । "ଲୋକେ ଯେଉଁ ସବୁ ଶବ୍ଦ ବ୍ୟବହାର କରିଥାନ୍ତି,କବି ଓ ସାହିତ୍ୟିକ ସେହି ସବୁ ଶବ୍ଦ ଓ ଅର୍ଥ ବ୍ୟବହାର କରି ଜଗତକୁ ମୋହିଥାନ୍ତି । X X X କେବଳ ଲୋକ ବ୍ୟବହାରରେ ନୁହେଁ; ବିଜ୍ଞାନ, ଦର୍ଶନ, ପୁରାଣ, ଇତିହାସ ଓ ଭୂଗୋଳଠାରୁ ଆରମ୍ଭ କରି ବ୍ୟାକରଣ ପର୍ଯ୍ୟନ୍ତ ସର୍ବତ୍ର ଶବ୍ଦ ଓ ଅର୍ଥ ବ୍ୟବହୃତ ହୋଇଥାଏ । ଶବ୍ଦ ଅର୍ଥ ପ୍ରସାଦରୁ ଲୋକ ଯାତ୍ରା ନିର୍ବାହ କରିହୁଏ, କିନ୍ତୁ ସେହି ସବୁ ପ୍ରସ୍ଥାନକୁ ସାହିତ୍ୟ ଅଭିଧାରେ ଚିହ୍ନିତ କରାଯାଏ ନାହିଁ । ପ୍ରକୃତରେ ସାହିତ୍ୟର ଭାଷା ବ୍ୟବହାର ଗୁଣାତ୍ମକ ଦୃଷ୍ଟିରୁ ଅନ୍ୟତ୍ର ପ୍ରଯୁକ୍ତ ଭାଷା ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଧରଣର ବ୍ୟାପାର ।"(୮) ପ୍ରତ୍ୟେକ ବକ୍ତବ୍ୟ ଅର୍ଥ ଦେଲେ ମଧ୍ୟ ପ୍ରତ୍ୟେକ ଅର୍ଥ କିନ୍ତୁ ଏକା ପ୍ରକାରର ନୁହେଁ । ନୂତନ ସାହିତ୍ୟ ଏହି ନୂତନ ସଂରଚନାଠାରୁ ନିଜକୁ ଦୂରେଇ ରଖିବା ମଧ୍ୟ ସମ୍ଭବପର ବ୍ୟାପାର ନୁହେଁ ।

'ମୁକ୍ତଧାରାର ନାଟକ' ପୁସ୍ତକରେ ନାଟ୍ୟକାର ଓ ସମାଲୋଚକ ରମେଶ ପ୍ରସାଦ ପାଣିଗ୍ରାହୀ ନାଟକର ମୋଡ଼ ପରିବର୍ତ୍ତନରେ ବ୍ୟକ୍ତିତ୍ୱ ପରିବର୍ତ୍ତନର ସ୍ୱର କିପରି ଅଙ୍ଗୀଭୂତ,ସେ ସମ୍ପର୍କରେ ଅବତାରଣା କରନ୍ତି । କୁହନ୍ତି, "ଆମର ସଂଶୟ ଉତ୍ତର ଆଧୁନିକବାଦୀମାନେ କହୁଛନ୍ତି ଯେ ନୂତନତା ବୋଲି କିଛି ନାହିଁ । ପ୍ରତିଥର ଆତ୍ମା ବସ୍ତ୍ର ବଦଳାଇ ଯେପରି ଯେପରି ନୂତନ ଶରୀରକୁ ପିନ୍ଧିପାରେ, ପ୍ରତି ପତ୍ରଝରାର ଶେଷରେ ଯେମିତି କଅଁଳ ପତ୍ରଟିଏ ଅଙ୍କୁରି ଉଠେ, ସେହିପରି ପ୍ରତ୍ୟେକ ଆଙ୍ଗିକର ସମୟଖଣ୍ଡ ସମ୍ପୂର୍ଣ୍ଣ ହେବା ପରେ ତା'କୁ  କଳେବର ବଦଳାଇବାକୁ ହୁଏ । ଏହାକୁ ଆତ୍ମିକ ପୁନଃସୃଜନ (self renewal) ବୋଲି କୁହାଯାଏ । ଆତ୍ମିକ ପୁନଃସୃଜନର ଆବଶ୍ୟକତା ପ୍ରକୃତି ଭିତରେ ଗର୍ଭିତ ହୋଇରହିଛି ।"(୯) ଏହି ପୁନଃସର୍ଜନା ବେଳେ ଶୃଙ୍ଖଳା ଭାଙ୍ଗି ମୁକ୍ତି ଖୋଜିବାର ପ୍ରୟାସ ଜାରୀ ରହିବା ଏକ ପ୍ରକାର ସ୍ୱାଭାବିକତା । ଏହା ହିଁ ସମ୍ଭବତଃ ପ୍ରକୃତିର ନିୟମ ।

ସାହିତ୍ୟରେ କ୍ରମେ ମାନବବିଦ୍ୟା ଓ ସମାଜବିଜ୍ଞାନ ସମ୍ପର୍କିତ ଚର୍ଚ୍ଚାର ସ୍ଥାଣୁତା ପ୍ରସଙ୍ଗରେ ପ୍ରଶ୍ନ ଉଠେଇ ସମାଲୋଚକ ଗଗନେନ୍ଦ୍ରନାଥ ଦାଶ କୁହନ୍ତି, "ଏ ଗତ କେତେବର୍ଷ ଭିତରେ ପରିସ୍ଥିତି ଏତେ ବଦଳିଯାଇଛି ଯେ, ମାନବବିଦ୍ୟା ଓ ସମାଜବିଜ୍ଞାନ ଚର୍ଚ୍ଚା ପ୍ରତି କାହାର କୌଣସି ଆଗ୍ରହ ହେବା ତ ଦୂରର କଥା,ତାହା ପ୍ରତି ଓ ସେପରି କରୁଥିବା ବ୍ୟକ୍ତି ପ୍ରତି କେବଳ ଅବହେଳା ଓ ତାଚ୍ଛଲ୍ୟ ହିଁ ପ୍ରକାଶ ପାଉଛି । ତା'ର ଏକ କାରଣ ହେଉଛି,ପ୍ରାୟୋଗିକ ବିଦ୍ୟା ପରି ତା' ଏତେ ଅର୍ଥକାରୀ ନୁହେଁ । କେବଳ ଅନ୍ୟଥା ଅପାରଗ ବ୍ୟକ୍ତିମାନେ ହିଁ ଏପରି କରନ୍ତି ବା କରୁଛନ୍ତି ବୋଲି ଧରିନିଆଯାଇଛି ।"(୧୦) ଏହା କିନ୍ତୁ ନୂତନତାର ଅନ୍ୱେଷଣାତ୍ମକ ଯାତ୍ରାପଥରେ ଏକ ଅଶୁଭ ଲକ୍ଷଣ ବୋଲି ବିଚାରିବାକୁ ହେବ । ନୂତନତା ସନ୍ଧାନୀ ଦୃଷ୍ଟିଭଙ୍ଗୀ, ନୂତନ-ଅନ୍ୱେଷା-ଜିଜ୍ଞାସା ଆମ ଜୀବନକୁ ପ୍ରଭାବିତ କରିବନି ଯଦି ଜୀବନଧାରଣର ମୂଲ୍ୟବୋଧ କ୍ଷଣସ୍ଥାୟୀ ଓ ଭଙ୍ଗୁର ମନେ ହେବନି କି?

ଉପରୋକ୍ତ ଗ୍ରନ୍ଥଗୁଡ଼ିକରେ ପ୍ରତ୍ୟେକେ ଯେଉଁ ନୂତନ ବିଶ୍ୱପଥର ଯାତ୍ରା ସମ୍ପର୍କରେ କହିଛନ୍ତି,ସେଥିରୁ ପ୍ରଥାବଦ୍ଧତାରୁ ମୁକୁଳି ନୂତନ ଭାବ-ବକ୍ତବ୍ୟ-ଭାଷା ସଂରଚନା ଖୋଜିବାର ପ୍ରୟାସଗୁଡ଼ିକୁ ଲକ୍ଷ୍ୟ କରିହୁଏ ।

(୪)

ଏବେଆସନ୍ତୁ ବିଚାର କରିବା ଏକବିଂଶ ଶତାବ୍ଦୀର ସାହିତ୍ୟିକ ଆଭିମୁଖ୍ୟରେ ଆସିଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ । ସେହି ବୈଶିଷ୍ଟ୍ୟଗୁଡ଼ିକୁ ନିମ୍ନମତେ ସଜଡ଼ା ଯାଇପାରେ ।

- ଏକବିଂଶ ଶତାବ୍ଦୀର ସାହିତ୍ୟରେ ପ୍ରଶ୍ନ ପଚାରିବାର ସାମର୍ଥ୍ୟ ବଢ଼ିଛି । କ୍ରୋଧ-ବିରକ୍ତି-ପ୍ରତିବାଦ ମିଶ୍ରିତ ବିସ୍ଥାପନ ବିରୋଧୀ ସ୍ୱର ତୀବ୍ର ହୋଇଛି । ଉଦାରୀକରଣ ଫଳରେ ଦେଖାଦେଇଥିବା ଅସହାୟ ସ୍ଥିତି, ପରିବେଶଭିତ୍ତିକ ସଂକଟ, ଭୂମି ହରେଇବାର ଗ୍ଲାନିକୁ ନେଇ ସାହିତ୍ୟ ସଂରଚନାର ଭିତ୍ତି ତିଆରି ହୋଇଛି ।
- ସ୍ଥାନୀୟତା ପ୍ରତି ପ୍ରବଣତା ବଢ଼ିଛି । ସ୍ଥାନୀୟତା କେବଳ ଆଂଚଳିକ ସଂକୀର୍ଣ୍ଣତା ନୁହେଁ । ବରଂ ସ୍ଥାନଟିର ସ୍ୱାତନ୍ତ୍ର୍ୟ-ବୈଶିଷ୍ଟ୍ୟ-ମହକ ପ୍ରତିପାଦନର ଏକ ଉଦ୍ୟମ । ଆଶ୍ୱାସନାର କଥା ଏହା ଯେ ଏ ଶତାବ୍ଦୀର ଅନେକ କ୍ଷୟକ୍ଷତି ଭିତରେ ମଧ୍ୟ ସ୍ଥାନୀୟତା ପ୍ରତି ସ୍ୱତନ୍ତ୍ର ଆଗ୍ରହ ରଖି ସର୍ଜନାତ୍ମକ ସାହିତ୍ୟ ସଂରଚନା ସଂଘଟିତ ହେଉଛି ।
- ସାଂପ୍ରତିକ ସ୍ଥିତି ଓ ଘଟଣାବଳୀର ସାହିତ୍ୟାୟନରେ ପ୍ରୟାସ ତୀବ୍ରତର ହୋଇଛି । ସମୟେସମୟେ ପ୍ରତି ପ୍ରସଙ୍ଗ, ପ୍ରତ୍ୟେକଟି ଘଟଣାକୁ ସାହିତ୍ୟ କରିବାର ପ୍ରଥମ ଉଦ୍ୟମକୁ ନେଇ ହାସ୍ୟାସ୍ପଦ ପ୍ରତିଯୋଗିତା ମଧ୍ୟ ଦେଖାଦେଇଛି । ସୋସିଆଲ୍ ମିଡ଼ିଆର ସଂପୃକ୍ତି ଫଳରେ ସାହିତ୍ୟରେ ଏଇ ତାତ୍କାଳିକତାର ପ୍ରଭାବ ବଢ଼ିଛି ।
- ଏହି ସମୟଖଣ୍ଡର ସାହିତ୍ୟ ସାକ୍ଷୀ ହୋଇଛି, ବୟାନ୍ ଦେଇଛି, ଦୋଷ ସ୍ୱୀକାର କରିବାର ସାହସ ଓ ଶକ୍ତି ମଧ୍ୟ ସଂଚୟ କରିଛି । ସାହିତ୍ୟରେ କନ୍‌ଫେସନ୍‌ଧର୍ମୀ ଆଭିମୁଖ୍ୟର ସଂଖ୍ୟା ମଧ୍ୟ ବଢ଼ିଛି ।
- ଦେଖିଥିବା ଅପେକ୍ଷା ଭୋଗିଥିବା ଓ ଅନ୍ତରଙ୍ଗ ଅନୁଭୂତି ସମ୍ପନ୍ନ ପ୍ରସଙ୍ଗ ଗୁଡ଼ିକ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଥିବା କଥା ପ୍ରତି ଗୁରୁତ୍ୱ ଦିଆହୋଇଛି । ବିଭିନ୍ନ ବର୍ଗ, ବିଭିନ୍ନ ସ୍ତର, ବିଭିନ୍ନ ଆନ୍ଦୋଳନ ସହିତ ଜଡ଼ିତ ବ୍ୟକ୍ତିବିଶେଷମାନେ ନିଜକୁ ଲେଖିବା ସହିତ ଗୋଟିଏ ସମୟଖଣ୍ଡର ଦସ୍ତାବିଜ୍ ହେବା ଭଳି ଅନୁଭବ ମଧ୍ୟ ଆସିଛି ।
- ନିରପେକ୍ଷତା ଅପେକ୍ଷା ପକ୍ଷଭୁକ୍ତିତା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି ସାହିତ୍ୟିକ । ନିରପେକ୍ଷତା ଗୋଟିଏ ବୁଦ୍ଧିଜୀବୀମୟ ଛଳନା । ଶୋଷିତ ଓ ଦଳିତ ବର୍ଗଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିବା ସହିତ ସେମାନଙ୍କ ସହ କାନ୍ଧମିଳେଇ ଠିଆହେବା ଭଳି ସାହିତ୍ୟିକ ମଧ୍ୟ ଏ ସମୟଖଣ୍ଡରେ ଅଛନ୍ତି । ସାହିତ୍ୟିକ ପ୍ରତିପକ୍ଷରେ ଠିଆ ହେଇଛି ସବୁବେଳେ ।
- ଦଳିତମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ସେମାନଙ୍କ ପ୍ରତିବାଦ ପ୍ରତି ସ୍ୱୀକୃତି ବଢ଼ିଛି । ପୁଣି ସମୟେ ସମୟେ ଦଳିତ ଓ ବିସ୍ଥାପନଜନିତ ଚିନ୍ତାଧାରା ଗୋଟିଏ ପ୍ରୋପାଗଣ୍ଡା ଭଳି ସ୍ଲୋଗାନସର୍ବସ୍ୱ ମଧ୍ୟ ହୋଇପଡ଼ିଛି।
- ନିଜକୁ ଲେଖିବାର ପ୍ରବଣତା ବଢ଼ିଛି । ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ନିଜସ୍ୱ ପରିକଳ୍ପିତ ବିଶ୍ୱ ଅଛି । ନିଜସ୍ୱ ସ୍ୱାତନ୍ତ୍ର୍ୟ ଓ ନିଜସ୍ୱ ଅନୁଭବରେ ଭିନ୍ନତା ଅଛି । ସୋସିଆଲ ମିଡିଆ ହୁଏତ ଏହି ନିଜକୁ ଲେଖିବାର/କହିବାର/ବିଜ୍ଞାପିତ କରିବାର/ ଦୁଃଖୀ ବୋଲି ଜଣେଇବାର/ ତତ୍ତ୍ୱଦର୍ଶୀ କରିବାର/ ବିଚାରକ ହେବାର /ମତାମତ ଦେବାର ଏବଂ ଏହିଭଳି ଅନେକ ଇତ୍ୟାଦିର ସ୍ୱାଧୀନତା ଦେଇଛି ।
- ସାହିତ୍ୟ ପରିପ୍ରକାଶର ମାଧ୍ୟମ ମୁକ୍ତ ହୋଇଛି । ଅନୁଭବ ଆଙ୍ଗିକରୁ ମୁକୁଳିବାର ଚେଷ୍ଟା କରିଛି । 'Formlessness' ର ମୁକୁଳାପଣ ଭିତରେ ସାହିତ୍ୟିକର ଆଙ୍ଗିକ ସଂରଚନା ଅପେକ୍ଷା ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ମନେହୋଇଛି । ନାଟକରେ ଯେପରି theatre of mixed means ର ଚାହିଦା ବଢ଼ିଛି ଗପ ଭିତରେ କବିତା ଓ କବିତା ଭିତରେ ଗଦ୍ୟଧର୍ମୀ କାହାଣୀ କହିବାର ପ୍ରବଣତା ମଧ୍ୟ ବଢ଼ିଛି ।
- ନାରୀ ମୁକ୍ତି ଆପେକ୍ଷା ନାରୀର ସ୍ୱାଧୀନତା ଓ ସମାନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଅବଶ୍ୟ କେତେକଙ୍କ ଲେଖାରେ ନାରୀର ଆତ୍ମାଅନୁସନ୍ଧାନର ପ୍ରୟାସ ମଧ୍ୟ ଲକ୍ଷ୍ୟ କଲାଭଳି । ଲେଖିକାଙ୍କ ସଂଖ୍ୟା ଓ ସାମାଜିକ ଜୀବନସମ୍ପୃକ୍ତି ପୂର୍ବାପେକ୍ଷା ବଢ଼ିଛି ।
- ପୂର୍ବରୁ ଆମେ ଯେମିତି କିଛି ବର୍ଷର କାଳଖଣ୍ଡକୁ ଗୋଟିଏ ନିର୍ଦ୍ଦିଷ୍ଟ ବାଦରେ ବାନ୍ଧିଦେଉଥିଲେ, ଏ ସମୟଖଣ୍ଡ ତା'ର ପ୍ରତିସ୍ପର୍ଦ୍ଧୀ ହୋଇ ଠିଆ ହେଇଛି । ଏ ସମୟ ବାଦ(ism) ବିରୋଧୀ । ପ୍ରତିମୁହୂର୍ତ୍ତରେ ଏଠି ନୂଆ ମତବାଦର ଜନ୍ମ ଓ ମୃତ୍ୟୁ ଚାଲିଛି । ସମସ୍ତ ସାହିତ୍ୟକର୍ମୀ ଗୋଟିଏ ମତବାଦକୁ ସ୍ୱୀକୃତି ଦେଇ ସେହିଭଳି ଲେଖିବାର ଆଶା କରିବା ଏ ସମୟଖଣ୍ଡରେ ସମ୍ଭବପର ନୁହେଁ । ଏଇ ଭିନ୍ନମତ ହିଁ ଏକବିଂଶ ଶତାବ୍ଦୀର ଶକ୍ତି । ମାତ୍ର ସମୟେସମୟେ ଏଇ ଭିନ୍ନମତ ପୋଷଣ ହିଁ ସାହିତ୍ୟିକର ଯୂପକାଠ ମଧ୍ୟ ହୋଇଛି।
- ଜୀବନର ସଂଘର୍ଷ, ଅସହାୟତା ଓ ଜୀବନ ସହିତ ସନ୍ଧି ମଧ୍ୟ ଗୁରୁତ୍ୱ ପାଇଛି । ବିଶେଷତଃ ଯୁବପିଢ଼ିର ସ୍ୱରରେ ଏଇ ଜୀବନ ସଂଘର୍ଷର ଚିତ୍ର ଅଧିକ ଜୀବନ୍ତ ।
- ଭାଷାର ମୁକ୍ତ ଓ ଅବାଧ ପ୍ରୟୋଗ ହୋଇଛି । ଭାଷା, ବ୍ୟାକରଣ ଓ ବନାନ୍‌ଜନିତ ତ୍ରୁଟି ମଧ୍ୟ ବଢ଼ିଛି । ଗୋଟିଏ ସମ୍ପାଦନାହୀନ ଓ ତାତ୍କାଳିକ ପ୍ରକାଶନ ସୁବିଧା ଥିବା ସମୟରେ ଆମେ ଏଥିରୁ ମୁକ୍ତ ହୋଇପାରିବା ନାହିଁ ବୋଲି
- କବି ଓ କବିତାର ସଂଖ୍ୟା ଆଶାଠାରୁ ଅଧିକ ବଢ଼ିଛି । ଆକାର ଓ ସଂଖ୍ୟା ଦୃଷ୍ଟିରୁ ଗପ ସଂଖ୍ୟା। କମିଛି । ତା'ଠୁ କମିଛି ଉପନ୍ୟାସ । ସମୟ ଗୋଟିଏ କବିତାପ୍ରବଣ କାଳଖଣ୍ଡରେ ରୂପାନ୍ତରିତ ହୋଇଛି । ଆଧୁନିକତା ସହିତ ଯେଉଁ ପରିମାଣରେ ଗଦ୍ୟଭିତ୍ତିକ ବିବିଧତା ଓ ପ୍ରୟୋଗ ପରୀକ୍ଷା ଦେଖାଯିବା କଥା, ଯୁବପିଢ଼ି ତା'ପ୍ରତି ଖୁବ୍ ବେଶୀ ସଚେତନ ଥିବା ଭଳି ମନେହୁଏ ନାହିଁ ।
- ପ୍ରାଚୀନଧାରାରୁ ଗଢ଼ି ଆସିଥିବା କାବ୍ୟପରମ୍ପରାଭିତ୍ତିକ ଭାବପ୍ରବଣତା ଏ ଶତାବ୍ଦୀରେ ମଧ୍ୟ ବିଶେଷ ପରିବର୍ତ୍ତିତ ହୋଇ ନାହିଁ । ଏ ଶତାବ୍ଦୀର ଆଦ୍ୟ ଦୁଇ ଦଶକରେ ସାହିତ୍ୟବଳୟରେ କବିତାର ପ୍ରାଧାନ୍ୟ ପ୍ରଚୁର ।
- ସାମାଜିକ ସଚେତନତା ଓ ସାମାଜିକ ପ୍ରସଙ୍ଗର ଉପସ୍ଥାପନାଭିତ୍ତିକ ସାହସ ବଢ଼ିଛି । ସାମାଜିକ ସମ୍ପୃକ୍ତି ନ ଥିଲେ ସାହିତ୍ୟ ( ବିଶେଷ କରି କବିତା ) ସୃଷ୍ଟିକରିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ମଧ୍ୟ ଉଠିଛି ।
- ସାହିତ୍ୟରେ କଥିତ ଭାଷା-ପ୍ରୟୋଗ ଜନିତ ବିବିଧତା ବଢ଼ିଛି । ବିଭିନ୍ନ ଆଂଚଳିକ ଶବ୍ଦପ୍ରୟୋଗ ଦ୍ୱାରା ନୂତନତା ଓ ଭିନ୍ନତା ଆଣିବାର ପ୍ରୟାସ ମଧ୍ୟ ଦେଖାଦେଇଛି ।
- ଆଧ୍ୟାତ୍ମିକତା ଓ ଉତ୍ତରଣମୁଖୀ ସାହିତ୍ୟର ଆଦର ବଢ଼ିଛି । ସମାଜର ବ୍ୟାପକ ଅବକ୍ଷୟ ସତ୍ତ୍ୱେ ସେଥିରୁ ମୁକୁଳିବା ପାଇଁ ଆଧ୍ୟାତ୍ମିକତାକୁ ଆଶ୍ୱାସନାର ମଲମ ଭଳି ପ୍ରୟୋଗ କରିଛନ୍ତି କେହି କେହି ।

- ମୌଳିକ ଚିନ୍ତନ ସମନ୍ୱିତ ପଥବନ୍ଧର ସଂଖ୍ୟା କମିଛି, ପ୍ରସଙ୍ଗଧର୍ମୀ ସ୍ତମ୍ଭ ଲେଖର ଚାହିଦା ଓ ବଜାରମୂଲ୍ୟ ବଢ଼ିଛି । ସମାଲୋଚନାର ଧାରା କ୍ରମେକ୍ରମେ ବୃତ୍ତିକୈନ୍ଦ୍ରିକ ମନେ ହୋଇଛି । ଚାକିରିଭିତ୍ତିକ ବାଧ୍ୟବାଧକତା ଯଦି ଗବେଷଣାର ମୂଳପିଣ୍ଡ ହୁଏ,ତେବେ ଅବସ୍ଥା ଶୋଚନୀୟ ହେବା ସ୍ୱାଭାବିକ । ନିର୍ଦ୍ଦିଷ୍ଟ ଭାବେ ଜଣେ ବ୍ୟକ୍ତିଙ୍କ ସାହିତ୍ୟକୃତି ଭିତ୍ତିକ ଗବେଷଣାର ପରମ୍ପରା ବଢ଼ିଛି । ଜଣେ ଗବେଷକ ଜଣେ ସ୍ରଷ୍ଟାଙ୍କ ଶ୍ରେଷ୍ଠତ୍ୱ ଆକଳନ ବେଳେ ତାଙ୍କୁ ସର୍ବଶ୍ରେଷ୍ଠ ପ୍ରମାଣ କରିବାକୁ ଯାଇ ଅନ୍ୟମାନଙ୍କୁ ନଜାଣି-ନପଢ଼ି ନିକୃଷ୍ଟତର କହିବାର ପ୍ରବଣତା ସାହିତ୍ୟ ସମାଲୋଚନା ଧାରାର ଅଥର୍ବତା ନୁହେଁ କି !
- ସାହିତ୍ୟରେ ସୋସିଆଲ୍ ମିଡ଼ିଆର ପ୍ରାଧାନ୍ୟ ବଢ଼ିଛି । ତା'ସହିତ ବଢ଼ିଛି ନିଜକୁ ଯେକୌଣସି ମୁହୂର୍ତ୍ତରେ, ଯେ କୌଣସି ରୂପରେ ବ୍ୟକ୍ତ କରିବାର ମୋହପ୍ରବଣତା । ଗୋଟିଏ ସମ୍ପାଦନାହୀନ ସାହିତ୍ୟ ଜଗତର ସୃଷ୍ଟି ମଧ୍ୟ ହୋଇଛି। ଯୋଉଠି ନିଜକୁ ବ୍ୟକ୍ତ-ପ୍ରଚାର-ମୁକ୍ତ କରିବାର ବାତାୟନଟିଏ ଅଛି, ସେଇଠି କିଛି ପ୍ରଦୂଷଣର ଆଶଙ୍କା ରହିବା ସ୍ୱାଭାବିକ ।
- ମାତ୍ର ଏହି ସୋସିଆଲ୍ ମିଡିଆ ମଧ୍ୟ ସାରସ୍ୱତ ସମ୍ପର୍କର ସେତୁଟିଏ ହୋଇପାରିଛି । ପତ୍ରପତ୍ରିକା, ପୁସ୍ତକ, ସଭାସମିତି, ସଂଗଠନର ପ୍ରଚାର ପ୍ରସାର ଦିଗରେ ଏହି ଜଗତର ଅବଦାନକୁ ଏଡ଼ାଇ ଏ କାଳଖଣ୍ଡରେ ବଂଚିବା ଅସମ୍ଭବ ପ୍ରାୟ କହିଲେ ଚଳେ ।

(୫)

ବିବର୍ତ୍ତନ ଏକ ମାନସିକ ପ୍ରକ୍ରିୟା । ଜୈବିକ ସ୍ତରରେ ସଂଘଟିତ ବିବର୍ତ୍ତନବାଦ ସହିତ ତାଳଦେଇ ଆମର ମାନସିକ କ୍ଷେତ୍ର ମଧ୍ୟ ବିବର୍ତ୍ତିତ ହେବାକୁ ବାଧ୍ୟହୁଏ । ନୂତନତା ସହିତ ଧ୍ୱଂସର ପ୍ରକ୍ରିୟାଟି ମଧ୍ୟ ଯୋଡ଼ି ହୋଇ ରହିଥାଏ । "ବିବର୍ତ୍ତନରେ ସୃଷ୍ଟି ଓ ଧ୍ୱଂସର ପ୍ରକ୍ରିୟା ଅତି ଆପେକ୍ଷିକ । ବିବର୍ତ୍ତନ ପ୍ରକ୍ରିୟାରେ ଧ୍ୱଂସ ଅପରିହାର୍ଯ୍ୟ । ତାହା ସୃଷ୍ଟିର ଆଧାର । ସାଧାରଣ ଅର୍ଥରେ ଯୌବନ ଓ ବାର୍ଦ୍ଧକ୍ୟ ମଧ୍ୟରେ ଆଙ୍ଗିକ ଓ ଆତ୍ମିକ ଭେଦ ସ୍ୱୀକୃତ । ବ୍ୟକ୍ତି ପ୍ରତି ପୂର୍ଣ୍ଣ ଅନୁଭବ ପାଇଁ ଯୌବନ ଚାହେଁ । ବାର୍ଦ୍ଧକ୍ୟ ଯୌବନର ପରିପନ୍ଥୀ । X X X ସାମଗ୍ରିକଭାବେ ବିବର୍ତ୍ତନ ଏକ ଗତି । ତାହା ନିର୍ଦ୍ଦିଷ୍ଟ ଭାବେ ଜୈବିକ କି ପ୍ରାକୃତିକ କି ଭୌଗୋଳିକ କୁହାଯାଇ ନପାରେ । କିନ୍ତୁ ମଣିଷ ଜାତିର ଐତିହ୍ୟ ଓ ଇତିହାସ ତିଆରି କରିଛି ବିବର୍ତ୍ତନ । ପୃଥିବୀର ବିବର୍ତ୍ତନ ଧ୍ୱଂସଶୀଳ ନୁହେଁ । ଅବକ୍ଷୟ ତା'ର ପ୍ରକ୍ରିୟା ନୁହେଁ । ମାନବିକ ବିବର୍ତ୍ତନର ଧାରା ଜୈବ ବା ଅଜୈବ ବିବର୍ତ୍ତନ ସହିତ ନାନା ଭାବରେ ସମ୍ବନ୍ଧିତ ।"(୧୧) ଏକବିଂଶ ଶତାବ୍ଦୀର ଏଇ ବିବର୍ତ୍ତିତ ସମୟଖଣ୍ଡରେ ଭୁଷୁଡ଼ିବା ଓ ତିଆରିହେବାର ସହାବସ୍ଥାନ ଏକ ସମୟଭିତ୍ତିକ ସ୍ୱାଭାବିକତା । ଏହାକୁ ସ୍ୱୀକାର କରିବାକୁ ହେବ । ଏଥିରୁ ମୁକ୍ତି ନାହିଁ ।

ଏକବିଂଶ ଶତାବ୍ଦୀର ସାହିତ୍ୟ ବିଳାସ ନୁହେଁ । ଉପଦେଶାତ୍ମକ ଧର୍ମଗ୍ରନ୍ଥ ନୁହେଁ । ଇତିହାସ ଲିଖନର ପ୍ରଚେଷ୍ଟା ନୁହେଁ । ଠାରିଦେଇ ଖସିଯିବାର ଭୀରୁତା ନୁହେଁ । ଏକବିଂଶ ଶତାବ୍ଦୀ ପ୍ରତିବାଦର ଶତାବ୍ଦୀ । ବିଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ସାହିତ୍ୟ ସମ୍ପର୍କରେ ବେଣୁଧର ରାଉତଙ୍କର ଉଦ୍ଧୃତିଟିଏ ଦେଖନ୍ତୁ, "ଆମ ସାହିତ୍ୟ ସମ୍ପୂର୍ଣ୍ଣ ମୁକ୍ତ ହେବା ଉଚିତ । ତାହା ଦେଶର, କାଳର 'ସହିତ-ସମ୍ପର୍କ'ରେ ସ୍ୱତନ୍ତ୍ର, ଜୀବନ୍ତ ଓ ବଳିଷ୍ଠ ହେବା ପ୍ରୟୋଜନ । ଏଥିପାଇଁ ମୁକ୍ତମନା ସ୍ରଷ୍ଟାର ପ୍ରଥମ ଓ ପ୍ରଧାନ କାମ୍ୟ ହେଉଛି-ଏଠି ବିବେଚିତ ଦାୟ । ସ୍ରଷ୍ଟାକୁ ବେଢ଼ିରହିଥିବା ଦେଶକାଳପାତ୍ରଗତ ପରିପାର୍ଶ୍ୱର ଏହି 'ଦାୟ' ସ୍ୱୀକାରକୁ 'ପ୍ରତିଭୂ ସାମର୍ଥ୍ୟ' ବୋଲି କୁହାଯାଇଛି । କେହି କାଳର କୌଣସି ମୁକ୍ତମନା ଋଷିକବିର ଏହି ସତ୍ୟାନୁଭବ ଓ ବିଚାରଣା-ଏ କାଳର ବି ସତ୍ୟ, ସବୁ କାଳର ସତ୍ୟ ।(୧୨) ଏଠାରେ ଆଲୋଚକ ଯେଉଁ ଦାୟବଦ୍ଧତାର କଥା ଆଲୋଚନା କରିଛନ୍ତି, ତାହା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏ ସମୟଖଣ୍ଡ ସେହି ଦାୟବଦ୍ଧ ସାହିତ୍ୟିକ ଚେତନାର ସ୍ୱାଗତ କରେ । ଦାୟିତ୍ୱ ଖସେଇ ଦେବାକୁ ବ୍ୟଗ୍ର ମନେ ହେଉଥିବା ମଣିଷମାନେ ଯଦି ଗୃହୀ ହେଇ ବାନପ୍ରସ୍ଥର କଥା ବା ସାଂସାରିକ ଭୋଗବିଳାସ ଭିତରେ ନିଃସଙ୍ଗତା ଓ ଏକାକୀତ୍ୱର କଥା ଶୁଣେଇବେ ତା'ର ମୂଲ୍ୟ କ'ଣ ରହିବ! ଏଇ ସମୟଖଣ୍ଡର ସଂଘର୍ଷ ଓ ସଂକଟ ହିଁ ଏ ସମୟର ଶ୍ରେଷ୍ଠ ସଙ୍ଗୀତର ସ୍ୱର । ଏଥିରେ ଦୁଃଖ-ପୀଡ଼ା-ଅସହାୟତା ଯଦି ଅଛି ଥାଉ ଏବଂ ସେସବୁକୁ ଅତିକ୍ରମ କରିଯିବାର ସ୍ପର୍ଦ୍ଧା-ପ୍ରୟାସ-ସାହସଟିକକ ମଧ୍ୟ ସାଇତା ହେଇଥାଉ ।

ଆଉଟିକେ ପରବର୍ତ୍ତୀ ସମୟରେ କଥାକାର କିଶୋରୀ ଚରଣ ତାଙ୍କର ପ୍ରବନ୍ଧ ସଂକଳନ 'ଲେଖକର ଦୁଃଖ'ରେ 'ଏକବିଂଶ ଶତାବ୍ଦୀର ଭୂତ' ଶୀର୍ଷକରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ବିଂଶ ଶତକର ଶେଷ ଦଶକରେ ଲେଖାଯାଇଥିବା ଏଇ ବହିଟିର ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ଅନ୍ତରଙ୍ଗ ଓ ମାର୍ମିକଭାବେ ସାହିତ୍ୟ ଓ ସାହିତ୍ୟିକର ସମସ୍ୟାସମୂହକୁ ରୂପାୟନ କରିଛନ୍ତି । ଏଇ ପ୍ରବନ୍ଧରେ ଏକବିଂଶ ଶତାବ୍ଦୀର ଚିନ୍ତା ଓ ଚେତନା ଜନିତ ଭୂତ ବିଂଶ ଶତାବ୍ଦୀର ମଣିଷ ଠାରୁ ତିନୋଟି ଜିନିଷ ନିଶ୍ଚୟ ଆଶା କରିବ ବୋଲି ସେ କହିଛନ୍ତି । ଏଇ ତିନୋଟି ମର୍ମକଥା ହେଉଛି (କ) ଉପଯୋଗିତା, (ଖ) ସୁଦୃଶ୍ୟତା, (ଗ) ସୁସ୍ପଷ୍ଟତା, (ଘ) 'ଉପୋଯାଗିତା' । ଅର୍ଥାତ୍ ଲେଖାର କାଳଖଣ୍ଡଭିତ୍ତିକ ଆବଶ୍ୟକତା ଅଛି ନା ନାହିଁ, 'ସୁଦୃଶ୍ୟତା' ଅର୍ଥାତ୍ ଗଣମାଧ୍ୟମର କ୍ରମବର୍ଦ୍ଧିଷ୍ଣୁ ପ୍ରାଧାନ୍ୟ ଏବଂ 'ସୁସ୍ପଷ୍ଟତା' ଅର୍ଥାତ୍ ଗୋଳକଧନ୍ଦା ଓ ଦୁର୍ବୋଧ୍ୟତା ବିହୀନ ସହଜ-ସରଳ ବକ୍ତବ୍ୟ ।(୧୩) ପୁନଶ୍ଚ ବିଗତ ଦିନମାନଙ୍କରେ ବ୍ୟକ୍ତିର ପ୍ରାଧାନ୍ୟ ବସ୍ତୁ ଅପେକ୍ଷା ଅଧିକ ଥିଲା, ମାତ୍ର ଆଗାମୀ ସମୟ ସେ ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ଯାଉଛି ବୋଲି ଆଶଙ୍କା ବ୍ୟକ୍ତକରି ସେ କୁହନ୍ତି-"ହେଲେ ମୋର ଭୟ ଯେ କ୍ରମଶଃ ଏହି ଜଣାଶୁଣା ଦୂରତ୍ୱ ଲମ୍ବିଲମ୍ବି ଯାଉଛି । ବସ୍ତୁର ପ୍ରାଧାନ୍ୟ ବଢୁଛି, ମଣିଷର ପ୍ରାଧାନ୍ୟ କମୁଛି; ଏବଂ ଯେହେତୁ ଏଇ ବଢ଼ିବା-କମିବାର ହାର ସମତୁଳ (proportionate) ନ ହୋଇ ଅଗ୍ରଗାମୀ (progressive), ଏବଂ ଅଣଚିନ୍ତାର ପ୍ରଗତିବାଦ ଦ୍ରୁତତର, କହିବାକୁ ଗଲେ ଅଣନିଃଶ୍ୱାସୀ ଏବଂ ବିସ୍ଫୋରକର ଗତିରେ ମାଡ଼ି ଚାଲିଛି ।"(୧୪) ଅତଏବ ଏକ ଆଶଙ୍କା-ଭୟ-ଉଦ୍ବିଗ୍ନ ପରିସର ମଧ୍ୟରେ ଏକବିଂଶ ଶତାବ୍ଦୀର ପ୍ରବେଶକୁ ଲକ୍ଷ୍ୟ କରୁଛି ଗୋଟିଏ ବିକଳ୍ପହୀନ ବ୍ୟକ୍ତିଚେତନା। ମାତ୍ର ଲେଖକଙ୍କର ବିଶ୍ୱାସ ମଧ୍ୟ ରହିଛି ଯେ ଏକବିଂଶ ଶତାବ୍ଦୀ ସମୟର ମୋଡ଼ ପରିବର୍ତ୍ତନ କେବଳ । ସାହିତ୍ୟର ସତ୍ୟଦର୍ଶୀ ମହାନତା କେବେହେଲେ ନଷ୍ଟ ହେବନାହିଁ । ସାହିତ୍ୟ ଚିରକାଳ ସାହିତ୍ୟ ହେଇ ରହିବ ।

ସମୟ ବଦଳିବା ସହିତ ପ୍ରଚଳିତ ଓ ପ୍ରଥାବଦ୍ଧ ଆଦର୍ଶବୋଧ ଓ ମୂଲ୍ୟବୋଧର ମୃତ୍ୟୁକୁ ଏକ ସ୍ୱାଭାବିକତା ଭାବରେ ଗ୍ରହଣ କରିନେଇଛି ଆଧୁନିକ ମଣିଷ । କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନ ରହିବା ହିଁ ଏ ସମୟର ଆଦର୍ଶ ବୋଲି ଆଗରୁ ଆଲୋଚନା କରିଛି । କୌଣସି ରେଖା, କୌଣସି

ବଳୟ, କୌଣସି ନିଷ୍ପତ୍ତି ସ୍ଥିର ଓ ଅପରିହାର୍ଯ୍ୟ ହୋଇ ଏ କାଳଖଣ୍ଡକୁ ଅଦ୍ୟାବଧି ନିୟନ୍ତ୍ରଣ କରିନାହାନ୍ତି । ବିଗତ ଶତାବ୍ଦୀର ସଂଘଟିତ ଯୁଦ୍ଧ ସବୁ ରଣ କ୍ଷେତ୍ରରେ ହେଉଥିବା ବେଳେ, ଏ ଶତାବ୍ଦୀର ଅଧିକାଂଶ ଯୁଦ୍ଧ ମାନସ କ୍ଷେତ୍ରରେ ।

ଯାଇଛି ଏକ ପଞ୍ଚମାଂଶ, ଆସିବାକୁ ଅଛି ଅନେକ ବର୍ଷ ଏ ଶତାବ୍ଦୀରେ । ଆମେ କେବଳ ଏକ ସମ୍ଭାବନାଟିଏ ଖୋଜୁଛେ । ବାଟ ପାଇନେ ଏ ଯାଏଁ । ଅମଡ଼ାକୁ ମାଡ଼ିବାର ଆଗ୍ରହ ଅଛି ସିନା, ନୂଆବାଟ ତିଆରୁଚେ ନା ଗୋଦର ଗୋଡ଼ରେ ବାଟ ଚାଲୁଛେ- ତା'ବି ଜାଣିନେ । ନୂଆ ଗଢୁଛେ ନା ବିଂଶ ଶତାବ୍ଦୀର ପ୍ରାଚୀନତାରୁ ମୁକୁଳିବାକୁ ଚେଷ୍ଟା କରୁଛେ- ତା'କୁ ନେଇ ବି ସନ୍ଦେହ । ପଘାରେ ବନ୍ଧାଥିବା ଅମଣ ଗାଈ ହଠାତ୍ ମୁକୁଳିଗଲେ ଯେଉଁ ଡିଆଁ ମାରମାରି ଗାଁ ସାରା ବୁଲିଆସେ ଓ ହଠାତ୍ ଶାନ୍ତ ହେଇ ଠିଆ ହେଇଯାଏ ଗୋଟିଏ ଠା'ରେ । ଏହାକୁ ବାଟ ଖୋଜିବା କିମ୍ବା ବାଟ ପାଇବା ବୋଲି କହିହେବ କି !

ତେଣୁ ଏକବିଂଶ ଶତାବ୍ଦୀର ଯେଉଁଠି ଆମେ ଠିଆ ହେଇଛେ ଏବେ, ସେଠୁ ସମ୍ପୂର୍ଣ୍ଣ ଶତାବ୍ଦୀଭିତ୍ତିକ ମତାମତ ଦେଲାଭଳି ଜ୍ୟୋତିଷଶାସ୍ତ୍ର କି ବିଜ୍ଞାନଶାସ୍ତ୍ର ଉପରେ ଆସ୍ଥା ନାହିଁ ମୋର । ଅଳ୍ପ ବାଟଚଲାରେ ଯେଉଁ ସମ୍ଭାବନା ଓ ଭିତ୍ତିଭୂମି ଅଛି, ତାହା କାଲିକି ରହିବ ନା ବଦଳିଯିବ ନା ଆହୁରି ଦୃଢ଼ ହେବ- ତା'ବି କିଏ ଜାଣେ! ଘରତିଆରି ବେଳେ ମାଟି ଖୋଳିଲେ ପାଣି ବାହାରିଲା ଯଦି ଆମେ ତ ତାକୁ ଯନ୍ତ୍ର ସାହାଯ୍ୟରେ କାଢ଼ିଦେଇ ପୁଣି ମାଟି ଖୋଳିଚେ ନା! ଘର ତିଆରି କାମ ବନ୍ଦ କରି ଦେଉନେ ତ! ଏ ଯାତ୍ରା ବି ସେମିତି ମାଟି ଖୋଳିବାର ଯାତ୍ରା । କ'ଣ ବାହାରିବ କିଏ ଜାଣେ !

ଅସ୍ଥିରତା, ଅନିର୍ଦ୍ଦିଷ୍ଟତା ଓ ଆକାରହୀନତା ଏଇ ଶତାବ୍ଦୀର ଭାଗ୍ୟ । ଏଥିରୁ ସ୍ଥିର ଓ ନିର୍ଦ୍ଦିଷ୍ଟ କିଛି ଖୋଜିବା ହେଲା ପାଣିରେ ସ୍ଥିର ପ୍ରତିବିମ୍ବ ଖୋଜିବା ଭଳି । ବଦଳୁଥିବା ସମୟ, ବଦଳୁଥିବା ସାହିତ୍ୟିକ ବିଚାରଧାରା- ଏକ ସ୍ୱାଭାବିକତା ବୋଲି ଗ୍ରହଣ କରିବାକୁ ହେବ ।

## ସହାୟକ ଗ୍ରନ୍ଥସୂଚୀ:


୧. ମହାପାତ୍ର, କମଳାକାନ୍ତ, 'ଅନିୟତ' କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ,୨୦୧୨, ପୃ.୦୭ ।

୨. ମହାନ୍ତି, ଶରତ କୁମାର, "ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ", କଟକ, ଅଗ୍ରଦୂତ,୨୦୧୧, ପୃ.୩୦ ।

୩. ମହାନ୍ତି, ବୈଷ୍ଣବ ଚରଣ, "ସଂକୁଚିତ ସଂସ୍କୃତି", କଟକ, ସାହିତ୍ୟ ସଂଗ୍ରହ ପ୍ରକାଶକ, ୨୦୦୨, ପୃ.୮୭ ।

୪. ବାରିକ, ସୌରୀନ୍ଦ୍ର, "ସାଂପ୍ରତିକ କାଳ ଓ ଚିରନ୍ତନ କବି", କଟକ,ଗ୍ରନ୍ଥ ମନ୍ଦିର, ୧୯୯୯, ପୃ.୩୩-୩୪ ।

୫. ଦାସ, ରାଇଚରଣ, "ଏକବିଂଶ ଶତାବ୍ଦୀର ସାହିତ୍ୟ", ଭୁବନେଶ୍ୱର, ଜ୍ଞାନଯୁଗ ପବ୍ଲିକେସନ୍ସ,୨୦୦୩

୬. ପଟ୍ଟନାୟକ, ପ୍ରାଣନାଥ, "ଆସନ୍ତାକାଲିର ସାହିତ୍ୟ", କଟକ, ବିଦ୍ୟାପୁରୀ,୨୦୦୪, ପୃ.୧୩୦ ।

୭. ଦାସ, ରାଇଚରଣ, "ଏକବିଂଶ ଶତାବ୍ଦୀର ସାହିତ୍ୟ", ଭୁବନେଶ୍ୱର, ଜ୍ଞାନଯୁଗ ପବ୍ଲିକେସନ୍ସ,୨୦୦୩, ପୃ.୧୬୨-୧୬୩ ।

୮. ଦାସ, ଦାଶରଥି, "ପ୍ରସଙ୍ଗ ପୁରୁଣା ଭାବନା ନୂଆ", କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୫, ପୃ.୬୬ ।

୯. ପାଣିଗ୍ରାହୀ, ରମେଶ ପ୍ରସାଦ, "ମୁକ୍ତଧାରାର ନାଟକ", କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ ,୨୦୧୨, ପୃ.୯ ।

୧୦. ଦାଶ, ଗଗନେନ୍ଦ୍ର ନାଥ, "ନବଦିଗନ୍ତର ସନ୍ଧାନରେ" ଭୁବନେଶ୍ୱର, ୩୨୪,ଶ୍ରୀରାମ ନଗର, ରମାଦେବୀ, ୨୦୧୨,ପୃ. ୧୩ ।

୧୧. ସାହୁ, ଆଦିକନ୍ଦ, "ଭାବଗୌରବ", କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ , ୧୯୯୯, ପୃ.୩୦ ।

୧୨. ରାଉତ, ବେଣୁଧର, "ଭିନ୍ନ ଦର୍ପଣ", କଟକ, ଆର୍ଯ୍ୟ ପ୍ରକାଶନ, ୧୯୯୯, ପୃ.୯୭ ।

୧୩. ଦାସ, କିଶୋରୀଚରଣ । ଲେଖକର ଦୁଃଖ । କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ,୧୯୯୫, ୩୪-୩୮ ।

୧୪. ଦାସ, କିଶୋରୀଚରଣ । ଲେଖକର ଦୁଃଖ । କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ,୧୯୯୫, ୩୪-୩୮, ପୃ-୪୧ ।